୮ ମେ ୨୦୧୬
ସମାଜ
The Samaja
ରବିବାର
RAVIBAR

# ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ଗ୍ରହଣୀୟ ନୁହେଁ



ଆଇଆଇଟି ଖଡଗପୁର ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେସନ୍ ଇଞ୍ଜିନିୟରିଂ ବିଭାଗରେ ୧୯୮୪ରୁ ଅଧ୍ୟାପନା ଜୀବନ ଆରମ୍ଭ କରିଥିବା ପ୍ରଫେସର ଆର୍.ଭି.ରାଜା କୁମାର ୨୦୧୫ରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଆଇଆଇଟି ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ ଉଦ୍ୟମ ଜାରି ରଖିଥିବା ପ୍ରଫେସର ରାଜା କୁମାରଙ୍କ ସହ 'ସମାଜ' ପ୍ରତିନିଧି **ଡ. ରମାକାନ୍ତ ମହାନନ୍ଦଙ୍କ ସ୍ୱତନ୍ତ୍ର ସାକ୍ଷାତକାର।**

**◆ ଆଇଆଇଟି ଭୁବନେଶ୍ୱର ନୂଆ କ୍ୟାମ୍ପସକୁ ସମ୍ପୂର୍ଣ୍ଣ ସ୍ଥାନାନ୍ତର କେବେ ହେବ?**

◆ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି) ଭୁବନେଶ୍ୱର ୨୦୦୮ରେ ପ୍ରତିଷ୍ଠା ହୋଇଥିଲା। ବର୍ତ୍ତମାନ ଏଠାରେ ୧୦୧୫ଜଣ ଛାତ୍ରଛାତ୍ରୀ ଓ ୧୧୦ ଶିକ୍ଷକ ଅଛନ୍ତି। ୨୦୧୬ ଜୁଲାଇ ସୁଦ୍ଧା ସମସ୍ତ ବି.ଟେକ୍ ବିଭାଗ ନୂଆ କ୍ୟାମ୍ପସକୁ ସ୍ଥାନାନ୍ତର ହେବ। ସେହିପରି ହଷ୍ଟେଲ୍, କ୍ୱାଟରର୍ସ, ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଶେଷ ହେଲେ ଜୁଲାଇ ୨୦୧୭ସୁଦ୍ଧା ପ୍ରଶାସନିକ କାର୍ଯ୍ୟାଳୟ ସ୍ଥାନାନ୍ତର କରାଯାଇପାରିବ।

**◆ ଅରୁଗୁଳ କ୍ୟାମ୍ପସର ସମ୍ପୂର୍ଣ୍ଣ ବିକାଶ କିଭଳି ହେବ?**

◆ ଅରୁଗୁଳ କ୍ୟାମ୍ପସର ସମ୍ପୂର୍ଣ୍ଣ ବିକାଶ ପାଇଁ 'ପ୍ରସ୍‌ପେକ୍‌ଟିଭ୍ ପ୍ଲାନ ଫର ଦି ଗ୍ରୋଥ୍ ଅଫ୍ ଆଇଆଇଟି ଭୁବନେଶ୍ୱର' ଶୀର୍ଷକ ପାଞ୍ଚବର୍ଷିଆ ଯୋଜନା ପ୍ରସ୍ତୁତ କରାଯାଇ ଏକ ଆକ୍‌ସନ୍ ପ୍ଲାନ ରିପୋର୍ଟ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟରେ ଦାଖଲ କରାଯାଇଛି। ଏହା ମନ୍ତ୍ରାଳୟ ଦ୍ୱାରା ଅନୁମୋଦନ ଲାଭ କରିଛି। ଫଳରେ ଆବଶ୍ୟକ ଆର୍ଥିକ ସହାୟତା ମିଳିବ।

**◆ କେତୋଟି ଗ୍ରାମକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିଛନ୍ତି ଓ ସେଗୁଡ଼ିକର କିଭଳି ବିକାଶ କରାଯାଇ ପାରିବ?**

◆ ଖୋର୍ଦ୍ଧାଜିଲାର ଅରୁଗୁଳ, ପୋଡ଼ପୋଡ଼ା, କଂସପଦା ଓ ଖୁଦୁରପୁର ସାଙ୍ଗକୁ କଟକ ଜିଲା ବାଙ୍କି ବ୍ଲକ ଅନ୍ତର୍ଗତ ଜୋରକୁଲ୍ ଏବଂ ଯାଜପୁର ଜିଲାର ସୁନ୍ଦୁରିଆ ଗ୍ରାମକୁ ପୋଷ୍ୟଗ୍ରାମ୍ୟ ଭାବେ ଗ୍ରହଣ କରାଯାଇଛି।

**◆ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଇଞ୍ଜିନିୟରମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ନେଇ କ'ଣ ପଦକ୍ଷେପ ନିଆଯାଇଛି?**

◆ ଆଇଆଇଟିରେ ୮କୋଟି ଟଙ୍କା ବ୍ୟୟ ଅଟକଳରେ ଗ୍ରାମୀଣ ରାସ୍ତା ପରିଚାଳନା ପ୍ରଶିକ୍ଷଣ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏଥିରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଳସମ୍ପଦ, ପଞ୍ଚାୟତିରାଜ, ଗୃହ ଓ ନଗର ଉନ୍ନୟନ ଆଦି ବିଭିନ୍ନ ବିଭାଗର ଇଞ୍ଜିନିୟରମାନେ ସେମାନଙ୍କ ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ ନେବେ।

**◆ ପୁରୀରେ ଉପକୂଳ ପର୍ଯ୍ୟବେକ୍ଷଣ କେନ୍ଦ୍ର ସମ୍ପର୍କରେ କିଛି କହିବେ କି?**

◆ ପୁରୀ ବେଳାଭୂମିରେ ଉପକୂଳ ପର୍ଯ୍ୟବେକ୍ଷଣ କେନ୍ଦ୍ର ସ୍ଥାପନ ପାଇଁ ଆଇଆଇଟି ଭୁବନେଶ୍ୱର ଓ କେନ୍ଦ୍ର-ଭୂବିଜ୍ଞାନ ମନ୍ତ୍ରାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ପ୍ରତିଷ୍ଠା ହେବା ଦ୍ୱାରା ଉପକୂଳରେ ଜଳ, ସ୍ଥଳ ଓ ଆକାଶ ସମ୍ପର୍କରେ ଗବେଷଣା କରିହେବ। ଏହି କେନ୍ଦ୍ର ପ୍ରତିଷ୍ଠା ପାଇଁ ଭୂ-ବିଜ୍ଞାନ ମନ୍ତ୍ରାଳୟ ୯.୨୩କୋଟି ଟଙ୍କା ମଞ୍ଜୁର କରିଛି।

**◆ କେନ୍ଦ୍ର ସରକାରଙ୍କ 'ଷ୍ଟାର୍ଟ ଅପ୍' ଯୋଜନା କାର୍ଯ୍ୟକାରୀ କରିଛନ୍ତି କି?**

◆ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ୧.୫କୋଟି ଟଙ୍କା ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଛି। ଏହା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଚାଲିବ। ଅରୁଗୁଳ କ୍ୟାମ୍ପସରେ ୬୨କୋଟି ଟଙ୍କା ବ୍ୟୟରେ 'ଏଣ୍ଟରପ୍ରିନରସିପ୍ ପାର୍କ' ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି।



**◆ ଆଇଆଇଟି ଭୁବନେଶ୍ୱରର ନୂଆ ଯୋଜନା କ'ଣ ରହିଛି?**

◆ ଆଇଆଇଟି ଭୁବନେଶ୍ୱରରେ ବର୍ତ୍ତମାନ ୧୦୫୦ ଛାତ୍ରଛାତ୍ରୀ ଅଛନ୍ତି। ଭିତ୍ତିଭୂମିର ବିକାଶ ଏବଂ ଆବଶ୍ୟକ ସୁବିଧା ସୁଯୋଗକୁ ଆଧାର କରି ପ୍ରତିବର୍ଷ ନାମଲେଖା ପାଇଁ ସିଟ୍ ବୃଦ୍ଧି କରାଯିବ। ଚଳିତ ବର୍ଷ ବି.ଟେକ୍ ଏବଂ ଏମ୍.ଟେକ୍ ପାଠ୍ୟକ୍ରମକୁ ନେଇ ଡୁଆଲ୍ ଡିଗ୍ରୀ ପ୍ରୋଗ୍ରାମ ପ୍ରଚଳନ ହେବ। ଏଥିପାଇଁ ସିଭିଲ୍‌ରେ ୨୦ ଏବଂ ମେକାନିକାଲ୍‌ରେ ୨୬ଜଣ ଛାତ୍ରଛାତ୍ରୀ ଗ୍ରହଣ କରାଯିବ। ଭାରତ ଓ ବିଦେଶର ଅଭିଜ୍ଞ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ନେଇ ଯୋଜନା ରହିଛି।

**◆ ଓଡ଼ିଶା ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାଇବାକୁ ଆଇଆଇଟି ଭୁବନେଶ୍ୱରରେ ସ୍ଥାନ ସଂରକ୍ଷଣ ରହିବା ଉଚିତ୍ କି?**

◆ ଆଇଆଇଟି ଭୁବନେଶ୍ୱର ଏକ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ। ବିଶ୍ୱଦରବାରରେ ପ୍ରତ୍ୟେକ ଆହ୍ୱାନକୁ ସମ୍ମୁଖୀନ ହେବା ଭଳି ଦକ୍ଷତା ଥିବା ଛାତ୍ରଛାତ୍ରୀଙ୍କୁ ଏହି ଅନୁଷ୍ଠାନ ଗ୍ରହଣ କରିଥାଏ। ତେଣୁ ଏଠାରେ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଭାବେ ସଂରକ୍ଷଣ କରାଯିବା ଅନୁଚିତ। ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନରେ ଆଞ୍ଚଳିକ ସ୍ଥାନ ସଂରକ୍ଷଣ ଗ୍ରହଣୀୟ ନୁହେଁ।